# ମକଦ୍ଦମା ମୂଲ୍ୟାଙ୍କନ ଅଧିନିୟମ, 1887

## (1887 ର ଅଧିନିୟମ ସଂ 7)

**କେତେକ ମକଦ୍ଦମା ସଂକ୍ରାନ୍ତରେ ନ୍ୟାୟାଳୟର ଅଧିକାରିତା ସ୍ଥିର କରିବା ପାଇଁ ତାହାର ମୂଲ୍ୟାଙ୍କନ ପ୍ରଣାଳୀ ବିହିତ କରିବାକୁ ଏକ ଅଧିନିୟମ ।**

[11 ଫେବ୍ରୁଆରି, 1887]

**ଯେହେତୁ** କେତେକ ମକଦ୍ଦମା ସଂକ୍ରାନ୍ତରେ ନ୍ୟାୟାଳୟର ଅଧିକାରିତା ସ୍ଥିର କରିବା ପାଇଁ ତାହାର ମୂଲ୍ୟାଙ୍କନ ପ୍ରଣାଳୀ ବିହିତ କରିବା ସମୀଚୀନ ଅଟେ; ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

ନାମ ଓ ବିସ୍ତାର

1. ଏହି ଅଧିନିୟମ ମକଦ୍ଦମା ମୂଲ୍ୟାଙ୍କନ ଅଧିନିୟମ, 1887 ନାମରେ ଅଭିହିତ ହେବ ଏବଂ ପହିଲା ନଭେମ୍ବର, 1956 ର ଅବ୍ୟବହିତ ପୂର୍ବେ ଭାଗ 'ଖ' ରାଜ୍ୟରେ ଅନ୍ତର୍ଭୁକ୍ତ ଥିବା ରାଜ୍ୟକ୍ଷେତ୍ର ଭିନ୍ନ ସାରା ଭାରତ ପ୍ରତି ଏହା ବିସ୍ତୃତ ଅଟେ ।

## ଭାଗ I

### ଭୂମି ସଂପର୍କୀୟ ମକଦ୍ଦମା

ଭାଗ 1ର ବିସ୍ତାର ଓ ପ୍ରାରମ୍ଭ ।

2. ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ସ୍ଥାନୀୟ କ୍ଷେତ୍ର ଓ ଯେଉଁ ତାରିଖମାନ ନିର୍ଦ୍ଦେଶ କରିବେ ଏହି ଭାଗ ସେହି ସ୍ଥାନୀୟ କ୍ଷେତ୍ରରେ ବିସ୍ତୃତ ହେବ ଓ ସେହି ତାରିଖରେ ତହିଁରେ ପ୍ରବୃତ୍ତ ହେବ ।

ଅଧିକାରିତା ଉଦ୍ଦେଶ୍ୟରେ ଭୂମିର ମୂଲ୍ୟ ଅବଧାରଣ କରିବା ନିମିତ୍ତ ନିୟମାବଳୀ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କର କ୍ଷମତା ।

3. (1) ରାଜ୍ୟ ସରକାର, କୋର୍ଟ ଫିସ୍ ଅଧିନିୟମ, 1870ର ଧାରା 7ର ପାରା v ଓ vi ଏବଂ ପାରା x ର ଖଣ୍ଡ (ଘ)ରେ ବର୍ଣ୍ଣିତ ମକଦ୍ଦମାରେ ଅଧିକାରିତାର ପ୍ରୟୋଜନ ନିମିତ୍ତ ଭୂମିର ମୂଲ୍ୟ ଅବଧାରଣ କରିବା ପାଇଁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ନିୟମାବଳୀ, କୌଣସି ସ୍ଥାନୀୟ କ୍ଷେତ୍ରର ସମଗ୍ର ଭାଗରେ ବା ତାହାର କୌଣସି ଏକ ଅଂଶରେ ଥିବା କୌଣସି ଶ୍ରେଣୀର ଭୂମିର ମୂଲ୍ୟ ବା ସେହି ଭୂମିରେ ଥିବା କୌଣସି ସ୍ୱାର୍ଥର ମୂଲ୍ୟ ଅବଧାରଣ କରିପାରିବ ଓ ଏକା ସ୍ଥାନୀୟ କ୍ଷେତ୍ରରେ ଥିବା ବିଭିନ୍ନ ସ୍ଥାନ ପାଇଁ ବିଭିନ୍ନ ମୂଲ୍ୟ ବିହିତ କରିପାରିବ ।

ଭୂମି ସଂକ୍ରାନ୍ତ କେତେକ ମକଦ୍ଦମାରେ ଅନୁତୋଷର ମୂଲ୍ୟାଙ୍କନ ଭୂମିର ମୂଲ୍ୟ ଠାରୁ ଅଧିକ ହେବ ନାହିଁ ।

4. ଯେଉଁଠାରେ କୋର୍ଟ ଫିସ୍ ଅଧିନିୟମ, 1870ର ଧାରା 7ର ପାରା iv ବା ଅନୁସୂଚୀ iiର ଅନୁଚ୍ଛେଦ 17 ରେ ବର୍ଣ୍ଣିତ କୌଣସି ମକଦ୍ଦମା ଭୂମି ବା ଭୂମିରେ ଥିବା ସ୍ୱତ୍ୱ ସଂପର୍କରେ ହୋଇଥାଏ ଏବଂ ସେହି ଭୂମିର ମୂଲ୍ୟ ଶେଷ ପୂର୍ବଗାମୀ ଧାରା ଅନୁଯାୟୀ ନିୟମାବଳୀ ଦ୍ୱାରା ଅବଧାରଣ କରାଯାଇଥାଏ ସେଠାରେ ଅଧିକାରିତାର ପ୍ରୟୋଜନ ନିମିତ୍ତ ମକଦ୍ଦମାରେ ଅନୁତୋଷର ଯେଉଁ ପରିମାଣ ମୂଲ୍ୟାଙ୍କିତ ହୋଇଥିବ ତାହା ଉକ୍ତ ନିୟମାବଳୀ ଦ୍ୱାରା ଅବଧାରିତ ହୋଇଥିବାମତେ ଭୂମିର ବା ତାହାର ସ୍ୱତ୍ୱ ମୂଲ୍ୟଠାରୁ ଅଧିକ ହେବ ନାହିଁ ।

ନିୟମାବଳୀ ପ୍ରଣୟନ ଓ ପ୍ରବର୍ତ୍ତନ ।

5. (1) ରାଜ୍ୟ ସରକାର ଧାରା 3 ଅନୁଯାୟୀ ନିୟମାବଳୀ ପ୍ରଣୟନ କରିବା ପୂର୍ବରୁ ସେ ସଂପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ କରିବେ ।

(2) ସେହି ଧାରା ଅନୁଯାୟୀ ପ୍ରଣୀତ କୌଣସି ନିୟମ, ସରକାରୀ ଗେଜେଟରେ ପ୍ରକାଶିତ ହେବାପରେ ଏକ ମାସ ଅତିବାହିତ ନ ହେବା ପର୍ଯ୍ୟନ୍ତ ପ୍ରଭାବୀ ହେବ ନାହିଁ ।

ମାନ୍ଦ୍ରାଜ ସିଭିଲ ନ୍ୟାୟାଳୟ ଅଧିନିୟମ, 1873ର ଧାରା 14ର ନିରସନ ।

6. ମାନ୍ଦ୍ରାଜ ସିଭିଲ ନ୍ୟାୟାଳୟ ଅଧିନିୟମ, 1873 ପ୍ରଯୋଜ୍ୟ ହେଉଥିବା ସପରିଷଦ ପୋର୍ଟ ସେଣ୍ଟ ଜର୍ଜର ଗଭର୍ଣ୍ଣରଙ୍କ ପ୍ରଶାସନାଧୀନ କୌଣସି ରାଜ୍ୟକ୍ଷେତ୍ରରେ ଧାରା 3 ଅନୁଯାୟୀ ନିୟମାବଳୀ କାର୍ଯ୍ୟକାରୀ ହେବା ତାରିଖରେ ଓ ସେହି ତାରିଖଠାରୁ ସେପରି ରାଜ୍ୟକ୍ଷେତ୍ର ସଂପର୍କରେ ମାନ୍ଦ୍ରାଜ ସିଭିଲ ନ୍ୟାୟାଳୟର ଧାରା 14 ନିରସିତ ହେବ ।

## ଭାଗ II

### ଅନ୍ୟାନ୍ୟ ମକଦ୍ଦମା

ଭାଗ II ର ପ୍ରାରମ୍ଭ

7. ଏହି ଭାଗ ପହିଲା ଜୁଲାଇ, 1987ରେ ପ୍ରବୃତ୍ତ ହେବ ।

କେତେକ ମକଦ୍ଦମାରେ କୋର୍ଟ ଫିସ୍ ମୂଲ୍ୟ ଓ ଅଧିକାରିତା ମୂଲ୍ୟ ସମାନ ହେବ ।

8. ଯେଉଁ କ୍ଷେତ୍ରରେ କୋର୍ଟ ଫିସ୍ ଅଧିନିୟମ, 1870ର ଧାରା 7ର ପାରା v, vi ଓ ix ଏବଂ ପାରା x ର ଖଣ୍ଡ (ଘ) ରେ ସୂଚିତ ମକଦ୍ଦମା ଭିନ୍ନ ଅନ୍ୟ ମକଦ୍ଦମାରେ କୋର୍ଟ ଫିସ୍ ଅଧିନିୟମ, 1870 ଅନୁଯାୟୀ ଦେୟ କୋର୍ଟ ଫିସ୍ ମୂଲ୍ୟାନୁଯାୟୀ ହୋଇଥାଏ ସେ କ୍ଷେତ୍ରରେ କୋର୍ଟ ଫିସ୍‌ର ସଂଗଣନା ପାଇଁ ଅବଧାରିତ ହୋଇଥିବା ମୂଲ୍ୟ ଓ ଅଧିକାରିତା ପାଇଁ ମୂଲ୍ୟ ସମାନ ହେବ ।

ଉଚ୍ଚ ନ୍ୟାୟାଳୟ ଦ୍ୱାରା କେତେକ ମକଦ୍ଦମାର ମୂଲ୍ୟ ଅବଧାରଣ ।

9. କୋର୍ଟ ଫିସ୍ ଅଧିନିୟମ, 1870ର ଧାରା 7ର ପାରା v ଓ vi ଏବଂ ପାରା x ର ଖଣ୍ଡ (ଘ) ରେ ବର୍ଣ୍ଣିତ ମକଦ୍ଦମା ଭିନ୍ନ ଅନ୍ୟ କୌଣସି ଶ୍ରେଣୀର ମକଦ୍ଦମାର ବିଷୟବସ୍ତୁ ଯଦି ଏପରି ଅଟେ ଯେ ଉଚ୍ଚ ନ୍ୟାୟାଳୟଙ୍କ ମତରେ ସନ୍ତୋଷଜନକ ଭାବରେ ତାହାର ମୂଲ୍ୟ ସ୍ଥିର କରାଯାଇ ନାହିଁ ସେପରି ସ୍ଥଳେ ରାଜ୍ୟ ସରକାରଙ୍କ ପୂର୍ବମଂଜୁରି କ୍ରମେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇ ପାରିବେ ଯେ ସେହି ଶ୍ରେଣୀର ମକଦ୍ଦମା ଗୁଡ଼ିକର ମୂଲ୍ୟ କୋର୍ଟ ଫିସ୍ ଅଧିନିୟମ, 1870 ଓ ଏହି ଅଧିନିୟମ ଓ ତତ୍‌କାଳ ପ୍ରବୃତ୍ତ ଅନ୍ୟ କୌଣସି ଅଧିନିୟମମାନର ପ୍ରୟୋଜନ ପାଇଁ ଏପରି ଗଣ୍ୟ ହେବ ସତେ ଯେପରିକି ତାହା ଉଚ୍ଚ ନ୍ୟାୟାଳୟ ଏହି ଉପଲକ୍ଷେ ବିନିର୍ଦ୍ଦିଷ୍ଟ କରିବାକୁ ଉଚିତ ମନେ କରନ୍ତି ।

10. ନିରସିତ ।

---

## ଭାଗ III

### ଅନୁପୂରକ ଉପବନ୍ଧ

କୌଣସି ମକଦ୍ଦମା ବା ଅପିଲ ଅଧିକାରିତା ଉଦ୍ଦେଶ୍ୟ ପାଇଁ ଠିକ୍ ଭାବରେ ମୂଲ୍ୟାଙ୍କିତ ହୋଇ ନଥିଲା ବୋଲି ଅପିଲ ବା ପୁନରୀକ୍ଷଣରେ ଆପତ୍ତି କରାଯାଇଥିବା ସ୍ଥଳେ ପ୍ରକ୍ରିୟା ।

11. ସିଭିଲ ପ୍ରକ୍ରିୟା ସଂହିତାର ଧାରା 578 ରେ ଯାହା କିଛି ଥିବା ସତ୍ତ୍ୱେ କୌଣସି ମକଦ୍ଦମା ବା ଅପିଲର ଅତି ମୂଲ୍ୟାଙ୍କନ ବା ନ୍ୟୂନ ମୂଲ୍ୟାଙ୍କନ ହେତୁ ମକଦ୍ଦମା ବା ଅପିଲ ସଂକ୍ରାନ୍ତରେ ଅଧିକାରିତା ନଥିବା ପ୍ରଥମାବସର ନ୍ୟାୟାଳୟ ବା ନିମ୍ନ ଅପିଲ ନ୍ୟାୟାଳୟ ତତ୍‌ସଂକ୍ରାନ୍ତ ଅଧିକାରିତା ପ୍ରୟୋଗ କରିଥିଲା ବୋଲି କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ, ଯଦି—

(କ) ପ୍ରଥମାବସର ନ୍ୟାୟାଳୟରେ ଯେଉଁଠାରେ କି ପ୍ରଥମେ ବାଦପଦ ପ୍ରସ୍ତୁତ ହୋଇଥିଲା ଓ ଅଭିଲିଖିତ ହୋଇଥିଲା, ସେଠାରେ ଶୁଣାଣିରେ ବା ତାହାପୂର୍ବରୁ ବା ନିମ୍ନ ଅପିଲ ନ୍ୟାୟାଳୟରେ ଦାଖଲ ହୋଇଥିବା ଅପିଲ ସ୍ମାରକରେ ସେହି ନ୍ୟାୟାଳୟରେ ଆପତ୍ତି କରା ନ ହୋଇଥିବ, ବା

(ଖ) ମକଦ୍ଦମା ବା ଅପିଲ ସଂପର୍କରେ ଅତି ମୂଲ୍ୟାଙ୍କନ ବା ନ୍ୟୂନ ମୂଲ୍ୟାଙ୍କନ କରାଯାଇଥିଲା ଓ ତାହାର ଅତି ମୂଲ୍ୟାଙ୍କନ ବା ନ୍ୟୁନମୂଲ୍ୟାଙ୍କନ ମକଦ୍ଦମା ବା ଅପିଲକୁ ତାହାର ଗୁଣାଗୁଣ ଉପରେ ଫଏସଲା ହେବାକୁ ପ୍ରତିକୂଳଭାବେ ପ୍ରଭାବିତ କରିଥିଲା ବୋଲି କାରଣ ଉଲ୍ଲେଖକରି ଅପିଲ ନ୍ୟାୟାଳୟ ସନ୍ତୁଷ୍ଟ ନ ହୁଅନ୍ତି ।

(2) ଯଦି ଉପଧାରା (1)ର ଖଣ୍ଡ (କ)ରେ ବର୍ଣ୍ଣିତ ରୀତିରେ ଆପତ୍ତି କରାଯାଇଥାଏ କିନ୍ତୁ ସେହି ଉପଧାରାର ଖଣ୍ଡ (ଖ)ରେ ବର୍ଣ୍ଣିତ ଉଭୟ ବିଷୟରେ ଅପିଲ ନ୍ୟାୟାଳୟ ସନ୍ତୁଷ୍ଟ ନୁହଁନ୍ତି ଓ ତାଙ୍କ ନିକଟରେ ହୋଇଥିବା ଅପିଲର ଅନ୍ୟ ହେତୁମାନ ଅବଧାରଣ କରିବାପାଇଁ ଆବଶ୍ୟକ ତଥ୍ୟ ତାଙ୍କ ସମକ୍ଷରେ ଥାଏ ତାହାହେଲେ ସେ ପ୍ରଥମାବସର ନ୍ୟାୟାଳୟରେ ବା ନିମ୍ନ ଅପିଲ ନ୍ୟାୟାଳୟରେ ଅଧିକାରିତାର ତ୍ରୁଟି ନଥିବା ପରି ଅପିଲଟିକୁ ଫଏସଲା କରିବେ ।

(୩) ଯଦି ଆପତ୍ତି ସେହି ରୀତିରେ କରାଯାଇଥାଏ ଓ ଅପିଲ ନ୍ୟାୟାଳୟ ସେହି ଉଭୟ ବିଷୟରେ ସନ୍ତୁଷ୍ଟ ହୁଅନ୍ତି ଓ ତାଙ୍କ ସମକ୍ଷରେ ସେ ସବୁ ତଥ୍ୟ ନଥାଏ ତାହାହେଲେ ସେ ଅପିଲ ଶୁଣାଣି ସଂକ୍ରାନ୍ତରେ ନ୍ୟାୟାଳୟ ପ୍ରତି ପ୍ରଯୋଜ୍ୟ ନିୟମାବଳୀ ଅନୁସାରେ ଅପିଲ କାର୍ଯ୍ୟରେ ଅଗ୍ରସର ହେବେ, କିନ୍ତୁ ଯଦି ସେ ମକଦ୍ଦମା ବା ଅପିଲକୁ ବିଗ୍ରହାର୍ଥ ପ୍ରତିପ୍ରେଷଣ କରନ୍ତି ବା ବାଦପଦ ପ୍ରସ୍ତୁତ କରି ବିଚାରଣ ପାଇଁ ପଠାନ୍ତି ବା ଅତିରିକ୍ତ ସାକ୍ଷ୍ୟ ଦେବାକୁ ଆବଶ୍ୟକ କରନ୍ତି ତାହାହେଲେ ସେ ମକଦ୍ଦମା ବା ଅପିଲ ଗ୍ରହଣ କରିବାକୁ ସକ୍ଷମ ଗୋଟିଏ ନ୍ୟାୟାଳୟକୁ ନିର୍ଦ୍ଦେଶ ଦେଇ ଆଦେଶ ଦେବେ ।

(4) କୌଣସି ଅପିଲ ନ୍ୟାୟାଳୟ ସମ୍ବନ୍ଧରେ ଏହି ଧାରର ଉପବନ୍ଧମାନ ପ୍ରଯୋଜ୍ୟ ହୋଇପାରିବା ପ୍ରକାରେ ସିଭିଲ ପ୍ରକ୍ରିୟା ସଂହିତାର ଧାର 622 ବା ତତ୍କାଳ ପାଇଁ ପ୍ରବୃତ୍ତ ଅନ୍ୟ ଅଧିନିୟମନ ଅନୁଯାୟୀ ପୁନରୀକ୍ଷଣ ଅଧିକାରିତା ପ୍ରୟୋଗ କରୁଥିବା ନ୍ୟାୟାଳୟ ପ୍ରତି ପ୍ରଯୋଜ୍ୟ ହେବ ।

(5) ଏହି ଧାର 1887 ମସିହା ଜୁଲାଇ ପହିଲ ଦିନ ପ୍ରବୃତ୍ତ ହେବ ।

ଭାଗ I ବା ଭଗ II ର ପ୍ରାରମ୍ଭ ବେଳକୁ ପଡ଼ିରହିଥିବା କାର୍ଯ୍ୟବିଧି ।

12. ଭଗ i ବା ଭଗ ii ର କୌଣସି ଅଂଶ:–

(କ) ଯଥାସ୍ଥିତି, ମକଦ୍ଦମାର ମୂଲ୍ୟାଙ୍କନ ପ୍ରତି ପ୍ରଯୋଜ୍ୟ ହେଉଥିବା ଭଗ i ଅଧୀନ ନିୟମାବଳୀ ପ୍ରଭବୀ ହେବା ପୂର୍ବରୁ ବା ଭଗ ii ପ୍ରବୃତ୍ତ ହେବା ପୂର୍ବରୁ ଦାଖଲ ହୋଇଥିବା କୌଣସି ମକଦ୍ଦମା ସଂପର୍କରେ , ବା

(ଖ) ସେପରି କୌଣସି ମକଦ୍ଦମାରୁ ଉପୁଜୁଥିବା କୌଣସି ଅପିଲ ସମ୍ପର୍କରେ ,

କୌଣସି ନ୍ୟାୟାଳୟର ଅଧିକାରିତାକୁ ପ୍ରଭବିତ କରୁଛି ବୋଲି ଅର୍ଥାନ୍ୱୟ କରାଯିବ ନାହିଁ ।